



**କୃଷି ବିଜ୍ଞାନ କେନ୍ଦ୍ର, କଟକ**

ଉଛପଦା, କୋଟସାହି, କଟକ-୭୫୪୦୨୨

Email : kvkcuttack@gmail.com

Website : www.kvkcuttackzpdvii.org


ସଂପ୍ରସାରଣ ପୁସ୍ତିକା ସଂଖ୍ୟା – ୦୧

# କଟକ ଜିଲ୍ଲାରେ ଆଦୃତ
# ବିଭିନ୍ନ ଦେଶୀ କିସମ ଫସଲର
# ପରିଲକ୍ଷିତ ଗୁଣାବଳୀ


ମନୀଷ ଚୌରସିଆ, ସୁଜାତା ସେଠୀ, ଶିବ ମଙ୍ଗଳ ପ୍ରସାଦ,
ଦିଲ୍ଲୀପ ରଞ୍ଜନ ଷଡ଼ଙ୍ଗୀ, ରଞ୍ଜନ କୁମାର ମହାନ୍ତ ଏବଂ ବିଶ୍ୱନାଥ ଷଡ଼ଙ୍ଗୀ





**କୃଷି ବିଜ୍ଞାନ କେନ୍ଦ୍ର, କଟକ**

ଉଛପଦା, କୋଟସାହି, କଟକ-୭୫୪୦୨୨

(ଭାକୃଅନୁପ - ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ)

**ପ୍ରାସଙ୍ଗିକ ଉଦ୍ଧୃତି :**

ମନୀଷ ଚୌରସିଆ, ସୁଜାତା ସେଠୀ, ଶିବ ମଙ୍ଗଳ ପ୍ରସାଦ, ଦିଲ୍ଲୀପ ରଞ୍ଜନ ଷଡ଼ଙ୍ଗୀ, ରଞ୍ଜନ କୁମାର ମହାନ୍ତ ଏବଂ ବିଶ୍ୱନାଥ ଷଡ଼ଙ୍ଗୀ-୨୦୧୬; କଟକ ଜିଲ୍ଲାରେ ଆଦୃତ ବିଭିନ୍ନ ଦେଶୀ କିସମ ଫସଲର ପରିଲକ୍ଷିତ ଗୁଣାବଳୀ, କୃଷି ବିଜ୍ଞାନ କେନ୍ଦ୍ର, କଟକ, ଓଡ଼ିଶା; ସଂପ୍ରସାରଣ ପୁସ୍ତିକା ସଂଖ୍ୟା -୦୧ ; ପୃଷ୍ଠା -୨୮

**ସହଯୋଗ :**

ବିଭୂତି ଭୂଷଣ ପଲାଇ
ଅରବିନ୍ଦ ବିଶୋଇ

**ପ୍ରକାଶକ :**

ପ୍ରଧାନ ବୈଜ୍ଞାନିକ ଓ ମୁଖ୍ୟ
କୃଷି ବିଜ୍ଞାନ କେନ୍ଦ୍ର, କଟକ, ଓଡ଼ିଶା

**ସତ୍ତ୍ୱାଧିକାର :**

କୃଷି ବିଜ୍ଞାନ କେନ୍ଦ୍ର, କଟକ

ପୁସ୍ତିକାର ପ୍ରଦତ୍ତ ତଥ୍ୟ ସବୁ ଜିଲ୍ଲାର କୃଷକ ଭାଇମାନଙ୍କଠାରୁ ସଂଗୃହୀତ ତଥ୍ୟ ଉପରେ ପର୍ଯ୍ୟବେସିତ ଏବଂ ଏହି ସବୁ କେବଳ ଅଣବ୍ୟବସାୟିକ ବ୍ୟବହାର ପାଇଁ ଅନୁମତି ଦିଆଯାଏ ।

**ମୁଦ୍ରଣ :**

ପ୍ରିଣ୍ଟେକ୍ ଅଫ୍‌ସେଟ୍ ପ୍ରା.ଲିଃ.,
ଚନ୍ଦକା ଇଣ୍ଡଷ୍ଟ୍ରିଆଲ୍ ଏରିଆ, ଭୁବନେଶ୍ୱର-୭୫୧୦୨୪, ଓଡ଼ିଶା

## କଟକ ଜିଲ୍ଲାରେ ଆଦୃତ

# ବିଭିନ୍ନ ଦେଶୀ କିସମ ଫସଲର ପରିଲକ୍ଷିତ ଗୁଣାବଳୀ

ମନୀଷ ଚୌରସିଆ
ସୁଜାତା ସେଠୀ
ଶିବ ମଙ୍ଗଳ ପ୍ରସାଦ
ଦିଲ୍ଲୀପ ରଞ୍ଜନ ଷଡ଼ଙ୍ଗୀ
ରଞ୍ଜନ କୁମାର ମହାନ୍ତ
ବିଶ୍ୱନାଥ ଷଡ଼ଙ୍ଗୀ

**କୃଷି ବିଜ୍ଞାନ କେନ୍ଦ୍ର, କଟକ**
ଉଢପଦା, କୋଟସାହି, କଟକ-୭୫୪୦୨୨
Email : kvkcuttack@gmail.com
Website : www.kvkcuttackzpdvii.org

# ମୁଖବନ୍ଧ

କଟକ ଜିଲ୍ଲାର ବିବିଧ ଭୌଗୋଳିକ ପରିବେଶ ଯୋଗୁଁ ଫସଲ ପର୍ଯ୍ୟାୟରେ ମଧ୍ୟ ବିବିଧତା ପରିଲକ୍ଷିତ ହୋଇଥାଏ । ଜିଲ୍ଲାର ମୋଟ ଚାଷଜମି ୧୮୮୧୫୦ ହେକ୍ଟର ହୋଇଥିବା ବେଳେ ଧାନ ହେଉଛି ମୁଖ୍ୟ ଓ ସର୍ବାଧିକ ଚାଷ ହେଉଥିବା ଖାଦ୍ୟଶସ୍ୟ। ଧାନ ଛଡା ଏହି ଜିଲ୍ଲାର କୃଷକମାନେ ମୁଗ, ବିରି, ଚିନାବାଦାମ, ହରଡ଼ ଓ ବିଭିନ୍ନ ପ୍ରକାର ପନିପରିବା ଚାଷ କରିଥାନ୍ତି । ବର୍ତ୍ତମାନର ଜଳବାୟୁ ପରିବର୍ତ୍ତନ କାରଣରୁ ପ୍ରତ୍ୟେକ ବର୍ଷ ଚାଷୀମାନେ ମରୁଡ଼ି, ବନ୍ୟା, ବାତ୍ୟା, ରୋଗପୋକ ସଂକ୍ରମଣ ଭଳି ଦୁର୍ବିପାକର ସାମନା କରିଥାନ୍ତି । ଏସବୁ ପ୍ରାକୃତିକ ଦୁର୍ବିପାକର ସାମନା କରିବାକୁ କୃଷକ ମାନେ ବିଭିନ୍ନ ବିକଳ୍ପ ପନ୍ଥା ଅବଲମ୍ବନ କରିଥାନ୍ତି । ଏହା ମଧ୍ୟରୁ ବିଭିନ୍ନ ଦେଶୀ ପ୍ରଜାତି ବିହନର ବ୍ୟବହାର ଅନ୍ୟତମ । ଏହି ଦେଶୀ ପ୍ରଜାତି ବିହନ ସାଧାରଣତଃ କଟକ ଜିଲ୍ଲାରେ ଥିବା ବର୍ଷାଶ୍ରିତ ଢିପ ଜମି ଅଞ୍ଚଳର କୃଷକ ମାନେ ବ୍ୟବହାର କରିଥାନ୍ତି ।

ନୂତନ ପ୍ରଯୁକ୍ତିବିଦ୍ୟାର ଉପଯୋଗ ଦ୍ୱାରା ବିକଶିତ ଅଧିକ ଅମଳକ୍ଷମ ଓ ଶଙ୍କର ବିହନ ସବୁ ଚାଷୀ ମାନଙ୍କ ପାଖରେ ପହଞ୍ଚିଲାଣି । ଏହାଦ୍ୱାରା ଉତ୍ପାଦନ ଓ ଉତ୍ପାଦକତା ବୃଦ୍ଧି ପାଇବା ସହିତ ଚାଷୀର ଅର୍ଥନୈତିକ ଅଭିବୃଦ୍ଧି ମଧ୍ୟ ହେଉଛି । କିନ୍ତୁ ଧିରେ ଧିରେ ଦେଶୀ ପ୍ରଜାତି ବିହନ ସବୁ ଲୋପ ପାଇବା ଦ୍ୱାରା ଫସଲ ବିବିଧତା ବଜାୟ ରଖାଯାଇ ପାରୁନାହିଁ । ପ୍ରକୃତିକୋଳରେ ବିକଶିତ ଏହି ଦେଶୀ ପ୍ରଜାତି ଗୁଡିକର ଚିହ୍ନଟ କରାଯାଇ ସେଗୁଡିକର ପଞ୍ଜୀକରଣ ଏକାନ୍ତ ଆବଶ୍ୟକ । ଏହି କୃଷକ କିସମ ଗୁଡିକର ପଞ୍ଜୀକରଣ ପାଇଁ ଭାରତ ସରକାରଙ୍କର 'ଉଦ୍ଭିଦ କିସମ ଓ କୃଷକ ଅଧିକାର ସଂରକ୍ଷଣ ପ୍ରାଧିକରଣ' ନାମରେ ଏକ ସଂସ୍ଥା ଗଠନ କରାଯାଇଛି ଏବଂ ଉକ୍ତ ସଂସ୍ଥା ମାଧ୍ୟମରେ ଦେଶୀ ଫସଲ ପ୍ରଜାତି ଗୁଡିକର ଆଇନ ଅନୁଯାୟୀ ପଞ୍ଜୀକରଣ କରାଯାଉଛି । କୃଷକମାନେ ଏହି ନିୟମ ସବୁକୁ ବୁଝି ଉପଯୁକ୍ତ ପ୍ରଣାଳୀରେ ସେମାନଙ୍କର ଦେଶୀ ଫସଲ କିସମ ଗୁଡିକର ସତ୍ତ୍ୱାଧିକାରୀ ହୋଇପାରିବେ ଏବଂ ଭବିଷ୍ୟତରେ ଏହି କିସମଗୁଡିକ ଗବେଷଣାରେ କିମ୍ବା ବ୍ୟବସାୟରେ ଉପଯୋଗ ହେଲେ ସେମାନେ ଏହାର ଲାଭାଂଶ ପାଇପାରିବେ ।





ଏହି ପୁସ୍ତିକାର ପ୍ରସ୍ତୁତି ନିମନ୍ତେ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକର ନିର୍ଦ୍ଦେଶକ ମହୋଦୟଙ୍କୁ ତାଙ୍କର ସହୃଦୟ ସହଯୋଗ ପାଇଁ ଆମେ କୃତଜ୍ଞତା ଜ୍ଞାପନ କରୁଛୁ। ଉଦ୍ଭିଦ କିସମ ଓ କୃଷକ ଅଧିକାର ସଂରକ୍ଷଣ ପ୍ରାଧିକରଣ, ନୂଆଦିଲ୍ଲୀ ଏହି ପୁସ୍ତିକାର ପ୍ରସ୍ତୁତି ନିମନ୍ତେ ଆର୍ଥିକ ସହାୟତା କରିଥିବାରୁ ତାଙ୍କୁ ମଧ୍ୟ ଆମେ କୃତଜ୍ଞତା ଜଣାଉଛୁ। ସର୍ବୋପରି ଆମର ବିଭିନ୍ନ ବ୍ଲକର ଚାଷୀଭାଇ ଓ ଭଉଣୀମାନେ, ଯେଉଁମାନେ କି ଆମକୁ ଏହି ଦେଶୀ ବିହନ କିସମ ସବୁକୁ ଚିହ୍ନଟ ଓ ସେସବୁର ଗୁଣାବଳୀ ସବୁକୁ ଲିପିବଦ୍ଧ କରିବାରେ ସହଯୋଗ କରିଛନ୍ତି, ସେମାନଙ୍କ ନିକଟରେ ଆମେ ଚିର କୃତଜ୍ଞ।

"କଟକ ଜିଲ୍ଲାରେ ଆଦୃତ ବିଭିନ୍ନ ଦେଶୀ କିସମ ଫସଲର ପରିଲକ୍ଷିତ ଗୁଣାବଳୀ" ପୁସ୍ତିକାଟିରେ ଏହି ଜିଲ୍ଲାର ଚାଷୀଙ୍କ ଦ୍ୱାରା ଆଦୃତ ବିଭିନ୍ନ ଫସଲ ଯଥା ଧାନ, ଡାଲି ଜାତୀୟ, ତୈଳବୀଜ ଜାତୀୟ ଓ ପନିପରିବା ଇତ୍ୟାଦିର ଦେଶୀ ପ୍ରଜାତିର ବିଶେଷତ୍ୱ ଓ ଏଥିରେ ପରିଲକ୍ଷିତ ଗୁଣାବଳୀ ସବୁ ଲିପିବଦ୍ଧ କରାଯାଇଛି। ଏହା ବୈଜ୍ଞାନିକ, ଗବେଷକ, ଛାତ୍ର, କୃଷି ଅଧିକାରୀ ଏବଂ କୃଷକ ଭାଇମାନଙ୍କ ପାଇଁ ବିଶେଷ ସହାୟକ ହେବ।

*ମନୀଷ ଚୌରସିଆ, ସୁଜାତା ସେଠୀ,*
*ଶିବ ମଙ୍ଗଳ ପ୍ରସାଦ, ଦିଲ୍ଲୀପ ରଞ୍ଜନ ଷଡ଼ଙ୍ଗୀ,*
*ରଞ୍ଜନ କୁମାର ମହାନ୍ତ ଏବଂ ବିଶ୍ୱନାଥ ଷଡ଼ଙ୍ଗୀ*



# ସୂଚୀପତ୍ର


| ବିଷୟ | ପୃଷ୍ଠା ସଂଖ୍ୟା |
|---|---|
| କଟକ ଜିଲ୍ଲାରେ ଆଦୃତ ବିଭିନ୍ନ ଦେଶୀ କିସମ ଫସଲର ପରିଲକ୍ଷିତ ଗୁଣାବଳୀ | ୦୫ |
| କଟକ ଜିଲ୍ଲାର ବିଭିନ୍ନ ଫସଲର ଦେଶୀ କିସମ ଏବଂ ଏହାର ଗୁଣାବଳୀ | ୦୭ |
| ଧାନ | ୦୭ |
| ମାଣ୍ଡିଆ | ୧୫ |
| ଡ଼ାଲି ଜାତୀୟ ଫସଲ | ୧୫ |
| ତୈଳବୀଜ ଫସଲ | ୧୭ |
| ପନିପରିବା ଫସଲ | ୧୮ |
| ଶାଗ ଜାତୀୟ ଫସଲ | ୨୪ |








କଟକ ଜିଲ୍ଲାରେ ଆଦୃତ ବିଭିନ୍ନ ଦେଶୀ କିସମ ଫସଲର
ପରିଲକ୍ଷିତ ଗୁଣାବଳୀ

# କଟକ ଜିଲ୍ଲାରେ ଆଦୃତ ବିଭିନ୍ନ ଦେଶୀ କିସମ ଫସଲର ପରିଲକ୍ଷିତ ଗୁଣାବଳୀ

## କଟକ ଜିଲ୍ଲାର ଭୌଗୋଳିକ ପରିବେଶ

କଟକ ଜିଲ୍ଲାର ଭୌଗୋଳିକ ଓ ସାଂସ୍କୃତିକ ପରିବେଶରେ ଯେପରି ବିବିଧତା ରହିଛି, ସେହିପରି ଏହି ଜିଲ୍ଲା ବିଭିନ୍ନ ଫସଲର ବିବିଧତାରେ ମଧ୍ୟ ଭରପୁର । ଏହା ପୂର୍ବରେ ମହାନଦୀ ଉପତ୍ୟକା (୮୪° ୫୮' ରୁ ୮୬ ୨୦' ଅକ୍ଷାଂଶ) ଠାରୁ ଉତ୍ତରରେ (୨୦°୦୩' ରୁ ୨୦°୪୦' ଦ୍ରାଘିମା) ସାତକୋଶିଆ ପର୍ବତ ପର୍ଯ୍ୟନ୍ତ ଲମ୍ବିଛି ଏବଂ ସମୁଦ୍ର ପତ୍ତନ ଠାରୁ ୧୫ ମିଟର ଉଚ୍ଚତାରେ ଅବସ୍ଥିତ । ଜିଲ୍ଲାର ଜଳବାୟୁ ସାଧାରଣତଃ ଉଷ୍ଣ ଓ ଆର୍ଦ୍ର । ଗ୍ରୀଷ୍ମ ଋତୁରେ ତାପମାତ୍ରା ୪୦° ସେଲସିୟସ ଉପରେ ରହୁଥିବା ବେଳେ ଶୀତ ଋତୁରେ କେତେକ ସ୍ଥାନରେ ୧୦° ସେଲସିୟସ ତଳକୁ ଖସିଆସେ ଏବଂ ବାର୍ଷିକ ହାରାହାରି ବର୍ଷାର ପରିମାଣ ୧୫୦୧.୩ ମି.ମି ଅଟେ । ତେଣୁ ଏହି ଜିଲ୍ଲାର ଏକ ପାର୍ଶ୍ୱ ସମତଳ ଓ ଖାଲୁଆ ଜମି ହେବା ସହିତ ଜଳସେଚନର ସୁବିଧା ଥିବାବେଳେ ଅନ୍ୟ ଏକ ପାର୍ଶ୍ୱ ପାହାଡିଆ ଓ ଢିପଜମି ଏବଂ ଏସବୁ ଅଧିକନ୍ତୁ ବର୍ଷାଶ୍ରିତ ଢିପଜମି ଅଟେ । ଯେହେତୁ ଏହି ଜିଲ୍ଲାର ଚାଷୀ ମାନଙ୍କୁ ବିବିଧ ଜଳବାୟୁ ମଧ୍ୟରେ ଚାଷ କରିବାକୁ ପଡିଥାଏ, ତେଣୁ ଜିଲ୍ଲାର ଚାଷୀମାନେ ପୁରାତନ ଯୁଗରୁ ବିଭିନ୍ନ ଦେଶୀ ଫସଲ କିସମକୁ ଚାଷକରି ନିଜର ଆବଶ୍ୟକତା ମେଣ୍ଟାଉଛନ୍ତି । ପ୍ରତ୍ୟେକ ବର୍ଷ ଚାଷୀ ମାନେ ମରୁଡି, ବନ୍ୟା, ବାତ୍ୟା, ଭଳି ଦୁର୍ବିପାକର ସାମନା କରିଥାନ୍ତି । ଏଣୁ ଏହି ଦେଶୀ କିସମ ବିହନ ସବୁ ସେମାନଙ୍କର ବିଭିନ୍ନ ଦୈନନ୍ଦିନ ସାମାଜିକ ଓ ସାଂସ୍କୃତିକ ଆବଶ୍ୟକତା ପୂରଣ କରିବା ସହିତ ଦୁର୍ବିପାକ ସମୟରେ ମଧ୍ୟ ଚାଷୀମାନେ ଏଥିରୁ ଅମଳ ପାଇପାରିଥାନ୍ତି ।

## ଦେଶୀ କିସମ ଓ ଏହାର ଉପାଦେୟତା

ଆଜିକାଲି ବିଭିନ୍ନ କୃଷି ଓ ବୈଷୟିକ ଗବେଷଣାଗାରରୁ ବିକଶିତ ଅଧିକ ଅମଳକ୍ଷମ ଓ ଶଙ୍କର ବିହନ ସବୁ ଚାଷୀମାନଙ୍କ ପାଖରେ ପହଞ୍ଚିଲାଣି । ଏହାଦ୍ୱାରା ସେମାନଙ୍କର ଅର୍ଥନୈତିକ ଅଭିବୃଦ୍ଧି ହେଉଥିବାରୁ କାଳକ୍ରମେ ଦେଶୀ ବିହନ କିସମ ସବୁର ପ୍ରଚଳନ ଲୋପ ପାଇବାକୁ ବସିଛି । ତଥାପି ବିଭିନ୍ନ କାରଣରୁ କଟକ ଜିଲ୍ଲାର ଅନେକ ଅଞ୍ଚଳରେ ଚାଷୀମାନେ ଆଜିମଧ୍ୟ ଅନେକ ଦେଶୀ କିସମ ଫସଲ ଚାଷ କରୁଥିବା ଦେଖାଯାଉଛି । ଉଦାହରଣ ସ୍ୱରୂପ ଧାନ ଫସଲକୁ ନିଆଗଲେ ଦେଖାଯାଏ, ଚାଷୀର ଆବଶ୍ୟକତା ଯେପରିକି ଘରଛପର କରିବା, ପୂଜା ପାର୍ବଣରେ ବ୍ୟବହାର କରିବା, ବିଶେଷ ପ୍ରକାରର ଖାଦ୍ୟଦ୍ରବ୍ୟ ପ୍ରସ୍ତୁତିରେ ବ୍ୟବହାର କରିବା, ଛତୁଚାଷ ପାଇଁ ବ୍ୟବହାର କରିବା, ମରୁଡି ଓ ବନ୍ୟା ସହଣୀଶକ୍ତି ଥିବା, ରୋଗପୋକ ସହଣୀଶକ୍ତି ଥିବା, ଔଷଧିୟଗୁଣ ଥିବା ଇତ୍ୟାଦି ଅନୁଯାୟୀ ଦେଶୀ ଧାନ ଚାଷ କରାଯାଏ । ଏହିସବୁ କାରଣରୁ ବର୍ତ୍ତମାନ ଦେଶୀ ବିହନ କିସମ ଗୁଡିକର ସଂରକ୍ଷଣର ଆବଶ୍ୟକତା

ଦେଖାଦେଇଛି । କୃଷକ ଅଧିକାର ଉପରେ ସରକାର ବିଶେଷ ଧାନ ଦେଉଛନ୍ତି ଏବଂ ସେହି ଅନୁଯାୟୀ ଉଦ୍ଭିଦ କିସମ ଓ କୃଷକ ଅଧିକାର ସଂରକ୍ଷଣ ଅଧିନିୟମ - ୨୦୦୧ ଲାଗୁ କରାଯାଇଛି । ଏହି ନିୟମ ଅନୁସାରେ ବାଣିଜ୍ୟ ସମ୍ବନ୍ଧରେ କାର୍ଯ୍ୟରତ ଉଦ୍ଭିଦ ପ୍ରଜନନ ଓ କୃଷକ ମାନଙ୍କ ଉଦ୍ଭିଦ ପ୍ରଜନନ ସମ୍ବନ୍ଧୀୟ କାର୍ଯ୍ୟକଳାପରେ କରାଯାଉଥିବା ଯୋଗଦାନକୁ ମାନ୍ୟତା ପ୍ରଦାନ କରାଯାଉଛି । ଏହି ପରିପ୍ରେକ୍ଷୀରେ କୃଷକ ମାନଙ୍କ ଦ୍ୱାରା ବର୍ଷ ବର୍ଷ ଧରି ଚାଷ କରାଯାଇ ସଂରକ୍ଷିତ ଉଦ୍ଭିଦ କିସମ ଗୁଡିକର ବିଶେଷ ମହତ୍ତ୍ୱ ରହିଛି । ଏହି ସବୁ କିସମ ଏବଂ ପୁରାତନ ଚାଷ ପଦ୍ଧତି ଉପରେ ସେମାନଙ୍କର ଅଧିକାର ସାବ୍ୟସ୍ତ ଲାଗି କୃଷକ ବା କୃଷିଜୀବି ମହିଳା ବା କୃଷକ ଗୋଷ୍ଠୀ ପାଇଁ ପଞ୍ଜୀକରଣ ର ବ୍ୟବସ୍ଥା ରହିଛି ।

## ଦେଶୀ କିସମ ଗୁଡିକୁ ଦୃଷ୍ଟି ଗୋଚରକୁ ଆଣିବା ପାଇଁ ଉପାୟ

ଉଦ୍ଭିଦ କିସମ ଓ କୃଷକ ଅଧିକାର ସଂରକ୍ଷଣ ଅଧିନିୟମ - ୨୦୦୧ ର ବିଭିନ୍ନ ନିୟମ ଗୁଡିକୁ କୃଷକ ମାନଙ୍କ ଭିତରେ ବ୍ୟାପକ ପ୍ରଚାର ପ୍ରସାର କରିବା ପାଇଁ ପ୍ରାଧିକରଣ ଦ୍ୱାରା ରାଜ୍ୟ ମାନଙ୍କରେ ଥିବା କୃଷି ବିଭାଗ ଏବଂ ଭାରତ ସରକାରଙ୍କର କୃଷି ଗବେଷଣା ଅନୁଷ୍ଠାନ ଗୁଡିକ ଦ୍ୱାରା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଏବଂ ପ୍ରଜାତି ମାନଙ୍କର ପଞ୍ଜୀକରଣ କରାଯିବା ପାଇଁ ବ୍ୟବସ୍ଥା ହୋଇଛି । ଏହି ପରିପ୍ରେକ୍ଷୀରେ କଟକ ଜିଲ୍ଲାର କୃଷକ ମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ବିଗତ ତିନି ବର୍ଷ ଧରି କୃଷି ବିଜ୍ଞାନ କେନ୍ଦ୍ର, କଟକ ଦ୍ୱାରା ଅନେକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ଏହି କାର୍ଯ୍ୟକ୍ରମ ମଧ୍ୟରେ ଚାଷୀମାନଙ୍କର ସଭା, ଆଲୋଚନା, ସର୍ବେକ୍ଷଣ, ଦେଶୀ କିସମ ବିହନ ସଂଗ୍ରହ, ଦେଶୀ କିସମ ବିହନର ବିଶେଷ ଗୁଣବତ୍ତାକୁ ଲିପିବଦ୍ଧ କରିବା, ପ୍ରଶିକ୍ଷଣ କାର୍ଯ୍ୟକ୍ରମ, କର୍ମଶାଳା ଇତ୍ୟାଦି ଅନ୍ୟତମ ।

ଉଦ୍ଭିଦ କିସମର ଆନୁବଂଶିକ ସମ୍ବଳ, ବର୍ତ୍ତମାନ ଓ ଭବିଷ୍ୟତର ଫସଲ ଉତ୍କର୍ଷତା ପାଇଁ ଖୁବ୍ ମୂଲ୍ୟବାନ ଓ ଦରକାରୀ ଅଟେ । ପ୍ରକୃତି କୋଳରେ ବିକଶିତ ହୋଇଥିବା ଏହି କିସମ ଗୁଡିକ ମଧ୍ୟରେ ବହୁତ ଉପାଦେୟ ଗୁଣସୂତ୍ର ରହିଛି, ଯାହାକୁ କି ବୈଜ୍ଞାନିକ ମାନେ ଭବିଷ୍ୟତରେ ଉପଯୋଗ କରି ଉତ୍ପାଦନରେ ଅଭିବୃଦ୍ଧି ଆଣିପାରିବେ । ତେଣୁ କଟକ ଜିଲ୍ଲାର ବିଭିନ୍ନ ବ୍ଲକ ଯଥା ବଡମ୍ବା, ନରସିଂହପୁର, କଟକ ସଦର, ଟାଙ୍ଗୀ - ଚୌଦ୍ୱାର ଓ ତିଗିରିଆ ର ଚାଷୀମାନଙ୍କୁ ଏହି ସର୍ବେକ୍ଷଣରେ ସାମିଲ କରାଯାଇଥିଲା । ଚାଷୀମାନଙ୍କ ଦ୍ୱାରା ଆଦୃତ ବଭିନ୍ନ ଫସଲର ଦେଶୀ କିସମ ଏବଂ ସେ ସବୁରେ ପରିଲକ୍ଷିତ ହେଉଥିବା ଗୁଣାବଳୀ ସବୁକୁ ଲିପିବଦ୍ଧ କରାଯାଇ ଏହି ପୁସ୍ତିକାଟି ପ୍ରସ୍ତୁତ କରାଯାଇଛି । ଏହା ବୈଜ୍ଞାନିକ, ଗବେଷକ ଛାତ୍ର ଏବଂ ଏସବୁ ଉପରେ କାର୍ଯ୍ୟରତ କୃଷି ଅଧିକାରୀ ମାନଙ୍କ ନିମନ୍ତେ ଖୁବ୍ ଉପାଦେୟ ହେବ ବୋଲି ଆଶା କରାଯାଉଛି । କଟକ ଜିଲ୍ଲାର ପାଞ୍ଚଟି ବ୍ଲକ ଯଥା ବଡମ୍ବା, ନରସିଂହପୁର, କଟକ ସଦର, ଟାଙ୍ଗୀ- ଚୌଦ୍ୱାର ଓ ତିଗିରିଆ ରେ ଚାଷୀ ମାନଙ୍କ ଦ୍ୱାରା ଆଦୃତ ବିଭିନ୍ନ ଦେଶୀ କିସମ ଧାନ (୩୦ ପ୍ରକାର), ମାଣ୍ଡିଆ, ମୁଗ, ବିରି, ଚଣା, କୋଳଥ, ସୋରିଷ, ରାଶି, ପନିପରିବା ଯଥା ବାଇଗଣ, ଭେଣ୍ଡି, ଶିମ୍ବ, ଲଙ୍କା, କଖାରୁ, କାକୁଡି, କଲରା, ଜହ୍ନି, ଶାଗ, କାଉଚି, ବିନ୍, ଧନିଆ ଇତ୍ୟାଦି ବିଷୟରେ ଏ ପୁସ୍ତିକାଟିରେ ବିଶେଷ ବିବରଣୀ ଦିଆଯାଇଛି ।






# କଟକ ଜିଲ୍ଲାର ବିଭିନ୍ନ ଫସଲର ଦେଶୀ କିସମ ଏବଂ ଏହାର ଗୁଣାବଳୀ

## ଧାନ

### ୧. ବାଙ୍ଗରାମାଧେଇ




ଏହି ଧାନର ଅବଧି ୧୨୫ ରୁ ୧୩୦ ଦିନ । ଏହା ସାଧାରଣତଃ ମଧ୍ୟମ କିସମ ଜମିରେ ଚାଷ କରାଯାଏ । ଶସ୍ୟର ପ୍ରକାର ମଧ୍ୟମ ଧରଣର । ଏହି ଧାନର ବିଶେଷତ୍ୱ ହେଉଛି ଏହାର ମୂଳ କଳା ହୋଇ ଥିବାରୁ ବାଲୁଙ୍ଗା ବାଛିବାରେ ବିଶେଷ ସହାୟକ ହୋଇଥାଏ । ଏଥିରେ ରୋଗ ପୋକର ଆକ୍ରମଣ ମଧ୍ୟ କମ୍ ହୋଇଥାଏ । ଏହା ଟାଙ୍ଗୀ-ଚୌଦ୍ୱାର ବ୍ଲକର ହରିଡାପାଳ, ଗଣେଶ୍ୱରପୁର ଇତ୍ୟାଦି ଗ୍ରାମର କୃଷକ ମାନଙ୍କ ଦ୍ୱାରା ଚାଷ କରାଯାଇଥାଏ । ଏହି ଧାନର ଚାଉଳରୁ ଭାତ ଓ ପଖାଳ ଖୁବ୍ ଭଲ ହୋଇଥାଏ ।

### ୨. ବାଙ୍ଗୀ




ଏହାର ଫସଲ ଅବଧି ୧୫୦ ଦିନ । ଏହା ସାଧାରଣତଃ ଅଳ୍ପ ଖାଲୁଆ କିସମ ଜମିରେ ଚାଷ କରାଯାଏ । ଶସ୍ୟର ପ୍ରକାର ମଧ୍ୟମ ଧରଣର । ଏହି ଧାନର ବିଶେଷତ୍ୱ ହେଉଛି ଏଥିରେ ରୋଗ ପୋକ ସହଣୀଶକ୍ତି ଅଧିକ । ଏହା କଟକ ଜିଲ୍ଲାର ତିଗିରିଆ ବ୍ଲକର ତେନ୍ତୁଳିରଗଡି ଗ୍ରାମର ଚାଷୀମାନଙ୍କ ଦ୍ୱାରା ଚାଷ କରାଯାଇଥାଏ ।.

### ୩. ବାଙ୍କେଂସରୁଆ



ଫସଲ ଅବଧି ୧୪୫ ରୁ ୧୫୦ ଦିନ । ଜମି କିସମ ଅଳ୍ପ ଖାଲୁଆ । ଶସ୍ୟର ପ୍ରକାର ଲମ୍ବା ଏବଂ ସରୁ । ଏହି ଧାନରୁ ଭଲ ମୁଢି ପ୍ରସ୍ତୁତି ହୋଇଥାଏ । ଏହି ଧାନକୁ ଦେଶୀ ମଦ ବା ହାଣ୍ଡିଆ ପ୍ରସ୍ତୁତିରେ ବ୍ୟବହାର କରାଯାଏ । ଅଧିକ ଅମଳକ୍ଷମ ଧାନ ତୁଳନାରେ ରୋଗ ଓ ପୋକର ଆକ୍ରମଣ କମ୍ ହୋଇଥାଏ । ଟାଙ୍ଗୀ-ଚୌଦ୍ୱାର ବ୍ଲକର ହରିଡାପାଳ ଗ୍ରାମରେ ଏହି ଧାନ ଚାଷ କରାଯାଏ ।


### ୪. ବରସାଘଳି



ଫସଲ ଅବଧି ୧୩୦ ଦିନ । ଏହା ସାଧାରଣତଃ ମଧ୍ୟମ କିସମ ଜମିରେ ଭଲ ହୋଇଥାଏ । ଏହା ଅଳ୍ପପାଣିରେ ଚାଷ କରାଯାଇପାରେ । ଏହି ଧାନର ମରୁଡି ସହଣୀଶକ୍ତି ଅଧିକ । ଏହି ଧାନ ତିଗିରିଆ ବ୍ଲକର ଚାଷୀଙ୍କ ଦ୍ୱାରା ଚାଷ କରାଯାଏ ।


### ୫) ଚମ୍ପେଇଶାଳୀ

ଫସଲ ଅବଧି ୧୫୦ ରୁ ୧୫୫ ଦିନ । ଜମି କିସମ ଖାଲୁଆ ଜମି । ଏହି ଧାନର ବିଶେଷତ୍ୱ ହେଉଛି ଏହା ବନ୍ୟା ଜଳରେ ୧୦ ଦିନ ପର୍ଯ୍ୟନ୍ତ ବୁଡି ରହିପାରେ । ଏହି ଧାନ ମଙ୍ଗରାଜପୁର ଓ ତେନ୍ତୁଳିରଗଡି ଗ୍ରାମରେ ଚାଷ କରାଯାଏ । ଏହି ଶସ୍ୟର ଆକାର ସରୁ ହୋଇଥାଏ ।



### ୬) ହଳଦିଗୁଣ୍ଡି

ଫସଲ ଅବଧି ୧୫୫ ରୁ ୧୬୦ ଦିନ । ଜମି କିସମ ଖାଲୁଆ ଜମି । ଏହି ଶସ୍ୟର ଆକାର ଛୋଟ ଓ ମଧ୍ୟମ ଧରଣର ହୋଇଥାଏ । ଏହା ଏକ ବାସ୍ନାଧାନ ଅଟେ । ତେଣୁ ଏଥିରୁ ବିଭିନ୍ନ ପ୍ରକାର ଖିରି, ପିଠା, ପଲଉ ଇତ୍ୟାଦି ପ୍ରସ୍ତୁତ ପାଇଁ ବ୍ୟବହାର କରାଯାଏ । ଏହା ଟାଙ୍ଗୀ-ଚୌଦ୍ୱାର ବ୍ଲକର ହରିଡାପାଳ ଗ୍ରାମରେ ଚାଷ କରାଯାଏ ।



### ୭) ଜମ୍ବୁଦୀପ

ଫସଲ ଅବଧି ୧୬୦ ରୁ ୧୬୫ ଦିନ । ଜମି କିସମ ଖାଲୁଆ ଜମି । ଏହି ଶସ୍ୟର ଆକାର ଲମ୍ବା ଓ ସରୁ ହୋଇଥାଏ । ଏହାର ମୂଳ କଳା ହୋଇଥିବାରୁ ବାଲୁଙ୍ଗା ବାଛିବାରେ ବିଶେଷ ସହାୟକ ହୋଇଥାଏ । ଏହି ଧାନର ରୋଗ ପୋକ ସହଣୀଶକ୍ତି ଅଧିକ । ଏହା ଟାଙ୍ଗୀ-ଚୌଦ୍ୱାର ବ୍ଲକର ହରିଡାପାଳ ଗ୍ରାମରେ ଚାଷ କରାଯାଏ ।



### ୮) ଝୁଞ୍ଝୁଡି

ଫସଲ ଅବଧି ୧୫୫ ରୁ ୧୬୦ ଦିନ । ଜମି କିସମ ଖାଲୁଆ ଜମି । ଏହି ଶସ୍ୟର ଆକାର ମଧ୍ୟମ ଧରଣର । ଏହାର ନଡ଼ା ଶକ୍ତ ଓ ମୋଟା ହୋଇ ଥିବାରୁ କୃଷକ ମାନେ ଏହାକୁ ଘର ଛପର କରିବା ପାଇଁ ବ୍ୟବହାର କରିଥାନ୍ତି । ଏହି ଧାନକୁ ସାଧାରଣତଃ ଚୁଡା ପ୍ରସ୍ତୁତି ପାଇଁ ବ୍ୟବହାର କରାଯାଇଥାଏ । ଏହା ସାଧାରଣତଃ ବଡମ୍ବା, ତିଗିରିଆ ଇତ୍ୟାଦି ବ୍ଲକରେ ଚାଷ କରାଯାଏ ।








### ୯) କଳାଜିରା

ଏହାର ଫସଲ ଅବଧି ୧୪୦ ରୁ ୧୫୦ ଦିନ । ଜମି କିସମ ଅଳ୍ପ ଖାଲୁଆ । ଏହାର ଶସ୍ୟର ଆକାର ଛୋଟ ଓ ମଧ୍ୟମ ଧରଣର । ଏହା ଏକ ବାସ୍ନା ଧାନ ହୋଇଥିବାରୁ ଚାଉଳକୁ ସାଧାରଣତଃ ଖିରି, ପିଠା ଓ କାନିକା ଇତ୍ୟାଦି ପ୍ରସ୍ତୁତି ପାଇଁ ବ୍ୟବହାର କରାଯାଏ । ଏହା ଟାଙ୍ଗୀ-ଚୌଦ୍ୱାର ବ୍ଲକର ଗଣେଶ୍ୱରପୁର ଗ୍ରାମରେ ଚାଷ କରାଯାଏ ।




### ୧୦) କଣ୍ଢକଖାରୁଆ

ଫସଲ ଅବଧି ୧୫୫ ଦିନ । ଜମି କିସମ ଅଳ୍ପ ଖାଲୁଆ । ଏହି ଶସ୍ୟର ଆକାର ମଧ୍ୟମ ଧରଣର । ଏହି ଧାନର ବନ୍ୟାଜଳ ସହଣୀଶକ୍ତି ଅଧିକ । ଏହା ସାଧାରଣତଃ ବନ୍ୟାଜଳ ମାଡୁଥିବା ଜମି ସବୁରେ ଚାଷ କରାଯାଏ । କଟକ ଜିଲ୍ଲାର ତିଗିରିଆ ବ୍ଲକରେ କୃଷକ ମାନେ ଏହି ଧାନ ଚାଷ କରିଥାନ୍ତି ।




### ୧୧) କସରା କଣ୍ଠା

ଫସଲ ଅବଧି ୧୨୫ ରୁ ୧୩୦ ଦିନ । ଜମି କିସମ ମଧ୍ୟମ ଧରଣର । ଶସ୍ୟର ଆକାର ମଧ୍ୟମ ଧରଣର । ଏହି ଧାନର ନଡାର ଗୁଣବତ୍ତା ଖୁବ୍ ଭଲ ହୋଇ ଥିବାରୁ ଏହାକୁ କୃଷକ ମାନେ ଘର ଛପର କରିବା ପାଇଁ ବ୍ୟବହାର କରିଥାନ୍ତି । ଏହା ତିଗିରିଆ ବ୍ଲକରେ ଚାଷ କରାଯାଏ ।




### ୧୨) କୋଇଲିବାଇ

ଫସଲ ଅବଧି ୧୫୫ ଦିନ । ଜମି କିସମ ଖାଲୁଆ ଜମି । ଶସ୍ୟର ଆକାର ମଧ୍ୟମ ଧରଣର । ଏହି ଧାନର ନଡ଼ା ଖୁବ୍ ଲମ୍ବା ହୋଇଥିବାରୁ ଘର ଛପର ଇତ୍ୟାଦି ପାଇଁ ବ୍ୟବହୃତ ହୋଇଥାଏ । ଏହା ତିଗିରିଆ ବ୍ଲକରେ ଚାଷ କରାଯାଏ ।




### ୧୩) ଅଗ୍ନିବାଣ




ଫସଲ ଅବଧି ୧୫୫ ଦିନ। ଜମି କିସମ ଖାଲୁଆ ଜମି ଓ ଶସ୍ୟ ଆକାର ମଧ୍ୟମ ଧରଣର। ଏହି ଧାନ ଦୁଇ ରୁ ତିନି ଦିନ ପର୍ଯ୍ୟନ୍ତ ପାଣିରେ ବୁଡି ରହିପାରେ। ଏହା ବଡମ୍ବା ବ୍ଲକରେ ନଦୀ କୂଳ ଜମି ମାନଙ୍କରେ ଚାଷ କରାଯାଏ।

### ୧୪) ଚନ୍ଦ୍ରମଣି




ଫସଲ ଅବଧି ୧୨୦ ଦିନ। ଜମି କିସମ ଡିପ ଜମି ଓ ଶସ୍ୟର ଆକାର ସରୁ। ଏହି ଧାନରୁ ଖୁବ୍ ଭଲ ଅରୁଆ ଚାଉଳ ପ୍ରସ୍ତୁତ ହୋଇଥାଏ। ଏହା ପୂଜା ପାଇଁ ବ୍ୟବହାର କରାଯିବା ସହିତ ପିଠା ଓ ଖିରି ମଧ୍ୟ ପ୍ରସ୍ତୁତ କରାଯାଏ। ଏହା ଟାଙ୍ଗୀ- ଚୌଦ୍ୱାର ବ୍ଲକରେ ଚାଷ କରାଯାଏ।

### ୧୫) କଳାଚମ୍ପା



ଫସଲ ଅବଧି ୧୫୫ ରୁ ୧୬୦ ଦିନ। ଜମି କିସମ ଖାଲୁଆ ଜମି । ଶସ୍ୟର ଆକାର ମଧ୍ୟମ ଧରଣର। ଶସ୍ୟର ଓଜନ ଅପେକ୍ଷା-କୃତ ଅଧିକ ହୋଇଥିବାରୁ ଚାଷୀମାନେ ଏହାକୁ ଚାଷ କରିଥାନ୍ତି।

### ୧୬) କୋଦାଭୁଟିଆ




ଫସଲ ଅବଧି ୧୫୫ ରୁ ୧୬୦ ଦିନ। ଜମି କିସମ ଖାଲୁଆ ଜମି । ଶସ୍ୟର ଆକାର ମଧ୍ୟମ ଧରଣର। ଏହି ଧାନ ଜମିରେ ସାତ ଦିନ ପର୍ଯ୍ୟନ୍ତ ବନ୍ୟାଜଳ ଜମି ରହିଲେ ମଧ୍ୟ ଧାନର କିଛି କ୍ଷତି ହୋଇ ନ ଥାଏ। ଏହି ଧାନରୁ ଖୁବ୍ ଭଲ ଚୁଡା ପ୍ରସ୍ତୁତ ହୋଇଥାଏ। ଏହି ଧାନକୁ ତିଗିରିଆର ଚାଷୀ ମାନେ ଚାଷ କରିଥାନ୍ତି।





### ୧୭) କୋଲିଆଣ




ଫସଲ ଅବଧି ୯୦ ଦିନ। ଜମି କିସମ ଡିପ ଜମି । ଶସ୍ୟର ଆକାର ମଧ୍ୟମ ଧରଣର। ଏହା କମ୍ ପାଣିରେ ଚାଷ ହୋଇପାରେ ଏବଂ ମରୁଡି ସହଣୀଶକ୍ତି ଅଧିକ। ଏଥିରୁ ଖୁବ୍ ଭଲ ଚୁଡା ପ୍ରସ୍ତୁତ ହୋଇ ଥାଏ। ଏହି ଧାନକୁ ତିଗିରିଆ ବ୍ଲକର ଚାଷୀମାନେ ଚାଷ କରିଥାନ୍ତି।

### ୧୮) ଲଘୁଭୁଟିଆ



ଫସଲ ଅବଧି ୧୩୫ ଦିନ। ଜମି କିସମ ମଧ୍ୟମ ଧରଣର । ଶସ୍ୟର ଆକାର ମଧ୍ୟମ ଧରଣର। ଏହା ସାଧାରଣତଃ ଚୁଡା ଏବଂ ଖଇ ପ୍ରସ୍ତୁତି ପାଇଁ ଚାଷୀ ମାନେ ଚାଷକରିଥାନ୍ତି। ଏହା ବଡମ୍ବା ଅଞ୍ଚଳରେ ଅଧିକ ଚାଷ ହୋଇଥାଏ।

### ୧୯) ମଦନସୁନ୍ଦର




ଫସଲ ଅବଧି ୧୬୦ ଦିନ। ଜମି କିସମ ଖାଲ ଜମି । ଶସ୍ୟର ଆକାର ମଧ୍ୟମ ଧରଣର। ଏହି ଧାନ ଖୁବ୍ ଭଲ ଉଷୁନା ଚାଉଳ ପାଇଁ ଉପଯୋଗୀ। ବଡ଼ମ୍ବା ବ୍ଲକର ଅଭିମାନପୁର ଗ୍ରାମର ଚାଷୀମାନେ ଏହି ଧାନ ଚାଷ କରିଥାନ୍ତି।

### ୨୦) ମହିପାଳ



ଫସଲ ଅବଧି ୧୫୦ ଦିନ। ଜମି କିସମ ଅଳ୍ପ ଖାଲୁଆ ଜମି । ଶସ୍ୟର ଅକାର ମଧ୍ୟମ ଧରଣର। ଏହି ଧାନରୁ ଭଲ ଅରୁଆ ଚାଉଳ ପ୍ରସ୍ତୁତ ହେଉଥିବାରୁ ଚାଷୀମାନେ ଏହାକୁ ଚାଷ କରିଥାନ୍ତି। ଏହି ଧାନ ବଡମ୍ବା ବ୍ଲକର ଖାରପଞ୍ଜା ଗ୍ରାମରେ ବିଶେଷ ଭାବେ ଚାଷକରାଯାଏ।

## ୨୧) ମୟୁରକଣ୍ଠା




ଫସଲ ଅବଧି ୧୪୫ ରୁ ୧୫୦ ଦିନ। ଜମି କିସମ ଅଳ୍ପ ଖାଲ ଜମି । ଶସ୍ୟର ଆକାର ମଧ୍ୟମ ଧରଣର। ଏହି ଧାନରୁ ବାହାଘର ଓ ପୂଜାପାର୍ବଣରେ ବ୍ୟବହୃତ ଖଇ ପ୍ରସ୍ତୁତ କରାଯାଏ। ଖଇ ପ୍ରସ୍ତୁତି ପାଇଁ ଖୁବ୍ ଉପଯୋଗୀ ହୋଇଥିବାରୁ ବଡମ୍ବା ବ୍ଲକର ଚାଷୀ ଭାଇ ମାନେ ଏହି ଧାନକୁ ଚାଷ କରିଥାନ୍ତି।

## ୨୨) ନାଲି ଅଳତା




ଫସଲ ଅବଧି ୧୫୦ ରୁ ୧୬୦ ଦିନ। ଜମି କିସମ ଖାଲ ଜମି । ଶସ୍ୟର ଆକାର ମଧ୍ୟମ ଧରଣର। ଏହି ଧାନରୁ ଖୁବ୍ ଭଲ ଖଇ ପ୍ରସ୍ତୁତ ହୋଇଥାଏ। ବଡମ୍ବା ବ୍ଲକର ପଙ୍କାଳ ଗ୍ରାମର ଚାଷୀଭାଇମାନେ ଏହି ଧାନକୁ ଚାଷ କରିଥାନ୍ତି।

## ୨୩) ନାଲି ଧୁସରା




ଫସଲ ଅବଧି ୧୬୦ ଦିନ। ଜମି କିସମ ଖାଲ ଜମି । ଶସ୍ୟର ଆକାର ବୈଜ୍ଞାନିକ ମାନଙ୍କ ଅନୁସାରେ ମଧ୍ୟମ ଧରଣର ହେଲେ ମଧ୍ୟ ଏହା ସରୁ ଓ ଲମ୍ବା ହୋଇଥିବାରୁ କୃଷକ ମାନଙ୍କ ମଧ୍ୟରେ ଖୁବ୍ ଆଦୃତ। ଏହା ତିଗିରିଆ ବ୍ଲକରେ ଚାଷ କରାଯାଏ।

## ୨୪) ନାଣ୍ଡିମୁଣ୍ଡି



ଫସଲ ଅବଧି ୧୫୦ ଦିନ। ଜମି କିସମ ଅଳ୍ପ ଖାଲ ଜମି ଏବଂ ଶସ୍ୟର ଆକାର ଛୋଟ ଓ ମୋଟା। ଏହାର ଚାଉଳ ସାଧାରଣତଃ ପଲଉ, କାନିକା, ଇତ୍ୟାଦି ପ୍ରସ୍ତୁତିରେ ବ୍ୟବହାର କରାଯାଏ। ଏହା ବଡ଼ମ୍ବା ବ୍ଲକରେ କୃଷକ ମାନେ ଚାଷ କରିଥାନ୍ତି।

## ୨୫) ପାଣିକାଟି



ଫସଲ ଅବଧି ୧୬୦ ଦିନ। ଜମି କିସମ ଖାଲ ଜମି ଏବଂ ଶସ୍ୟର ଆକାର ମଧ୍ୟମ ଧରଣର। ଏହି ଧାନର ବିଶେଷତ୍ୱ ହେଉଛି ଏହି ଧାନ ଜମିରେ ୮ ରୁ ୧୦ ଦିନ ପର୍ଯ୍ୟନ୍ତ ଧାନ ଗଛ ଉଚ୍ଚତାର ପାଣି ଜମି ରହିଲେ ମଧ୍ୟ ଧାନର କିଛି କ୍ଷତି ହୋଇ ନ ଥାଏ। ଏହି ଧାନ ବଡ଼ମ୍ବା ବ୍ଲକର ମଙ୍ଗରାଜପୁର ଅଞ୍ଚଳରେ ଚାଷ କରାଯାଏ।






## ୨୬) ରଙ୍ଗଶିଉଳି




ଫସଲ ଅବଧି ୧୫୦ ରୁ ୧୬୦ ଦିନ। ଜମି କିସମ ଖାଲ ଜମି । ଶସ୍ୟର ଆକାର ସରୁ । ଏହା ଖଇ ପ୍ରସ୍ତୁତି ପାଇଁ ଖୁବ୍ ଉପଯୋଗୀ ଏବଂ ଏଥିରେ ରୋଗ ପୋକ ଆକ୍ରମଣ କମ୍ ହୋଇଥାଏ। ଏହି ଧାନ ଟାଙ୍ଗୀ-ଚୌଦ୍ୱାର ବ୍ଲକରେ ଚାଷ କରାଯାଇଥାଏ।

## ୨୭) ସରୁଚିନା




ଫସଲ ଅବଧି ୧୩୦ ଦିନ। ଜମି କିସମ ମଧ୍ୟମ ଧରଣର । ଶସ୍ୟର ଆକାର ସରୁ। ଏହାର ଚାଷ ପାଇଁ ଅଳ୍ପ ପାଣି ଦରକାର ହୋଇଥାଏ ଏବଂ ଏହାର ମରୁଡି ସହଣୀଶକ୍ତି ରହିଛି। ଏହା ଟାଙ୍ଗୀ- ଚୌଦ୍ୱାର ଓ କଟକ ସଦର ବ୍ଲକ୍ର କୃଷକ ଭାଇମାନେ ଚାଷ କରିଥାନ୍ତି।

## ୨୮) ସଲିଚମ୍ପା



ଫସଲ ଅବଧି ୧୩୫ ଦିନ। ଜମି କିସମ ମଧ୍ୟମ ଧରଣର । ଶସ୍ୟର ଆକାର ମଧ୍ୟମ ଧରଣର। ଏହି ଧାନର ମରୁଡି ସହଣୀଶକ୍ତି ରହିଛି। ଏହା ତିଗିରିଆ ବ୍ଲକରେ ଚାଷ କରାଯାଏ।

## ୨୯) ସୂର୍ଯ୍ୟକ୍ରାନ୍ତି



ଫସଲ ଅବଧି ୧୨୦ ଦିନ। ଜମି କିସମ ଡିପ ଜମି ଓ ଶସ୍ୟର ଆକାର ସରୁ। ଏହାର ମରୁଡି ସହଣୀଶକ୍ତି ଅଧିକ ଏବଂ ଏଥିରେ ରୋଗ ପୋକର ଆକ୍ରମଣ କମ୍ ହୋଇଥାଏ। ଏହା ଟାଙ୍ଗୀ-ଚୌଦ୍ୱାର ବ୍ଲକରେ ଚାଷ କରାଯାଏ।

## ୩୦) ତୁଳସୀବାସ



ଫସଲ ଅବଧି ୧୫୦ ରୁ ୧୫୫ ଦିନ। ଜମି କିସମ ଖାଲୁଆ ଜମି । ଶସ୍ୟର ଆକାର ମଧ୍ୟମ ଧରଣର। ଏହା ଏକ ବାସ୍ନା ଧାନ ଅଟେ। ତେଣୁ ଏହାର ଚାଉଳକୁ ଖିରି ଓ ପାୟସ ଇତ୍ୟାଦି ପ୍ରସ୍ତୁତି ପାଇଁ ବ୍ୟବହାର କରାଯାଏ। ଏହା ବଡମ୍ବା ବ୍ଲକର ଗୋବର୍ଦ୍ଧନପୁର ଅଞ୍ଚଳରେ ଚାଷ କରାଯାଏ।

## କଟକ ଜିଲ୍ଲାରେ ଆଦୃତ ଦେଶୀ ଧାନ କିସମର ନାମ ଓ ସେଗୁଡିକର ବିଶେଷ ଗୁଣବତ୍ତା


| କ୍ରମିକ ସଂଖ୍ୟା | ଧାନ କିସମର ବିଶେଷ ଗୁଣବତ୍ତା | କଟକ ଜିଲ୍ଲାରେ ଆଦୃତ ଦେଶୀ ଧାନ କିସମର ନାମ |
|---|---|---|
| ୧. | ମରୁଡି ସହଣୀଶକ୍ତି | ବରଷା ଘଳି, କଳିଆଣ, ସରୁଚିନା, ସଳିଚମ୍ପା, ସୂର୍ଯ୍ୟକାନ୍ତି |
| ୨. | ବନ୍ୟାଜଳ ସହଣୀଶକ୍ତି | ଅଗ୍ନିବାଣ, ଚମ୍ପେଇଶାଳୀ, କଣ୍ଡାକଖାରୁଆ, କୋଦାଭୁତିଆ, ପାଣିକାଟି |
| ୩. | ଘାସ ବା ବାଳୁଙ୍ଗା ବାଛିବା ନିମନ୍ତେ ସହଜ (କଳାମୂଳ) | ବାଙ୍ଗରମାଧେଇ, ଜମ୍ବୁଦୀପ |
| ୪. | ରୋଗ ପୋକ ସହଣୀଶକ୍ତି | ବାଙ୍ଗର ମାଧେଇ, ବାଙ୍ଗି, ଜମ୍ବୁଦୀପ, ରଙ୍ଗ ଶିଉଳି, ବାଙ୍କେସରୁଆ, ସୂର୍ଯ୍ୟକାନ୍ତି |
| ୫. | ମୂଲ୍ୟଯୁକ୍ତ ଖାଦ୍ୟଦ୍ରବ୍ୟ ଯଥା ଉଷୁନା ଚାଉଳ, ଅରୁଆ ଚାଉଳ, ପାୟସ, କାନିକା, ଖିରି ପ୍ରସ୍ତୁତି | ମଦନ ସୁନ୍ଦର, ଚନ୍ଦ୍ରମଣି, ମହିପାଳ, ନାଣ୍ଡିମୁଣ୍ଡି, ନାଲିଧୂସରା |
| ୬. | ମୂଲ୍ୟଯୁକ୍ତ ଖାଦ୍ୟଦ୍ରବ୍ୟ ପ୍ରସ୍ତୁତି ଯଥା ମୁଢି, ଖଇ, ଚୂଡା, ଦେଶୀ ମଦ ଇତ୍ୟାଦି | ଲଘୁଭୂତିଆ, ବାଙ୍କେସରୁଆ, ମୟୁରକଣ୍ଠୀ, ନାଳି ଅଳତା, ରଙ୍ଗଶିଉଳି, ଝୁମ୍ପୁଡି, କୋଦାଭୂତିଆ, କଳିଆଣ |
| ୭. | ବାସ୍ନା ଧାନ | କଳାଜୀରା, ତୁଳସୀବାସ, ହଳଦୀଗୁଣ୍ଡି |
| ୮. | ଲମ୍ବା ଓ ଶକ୍ତ ନଡା | କସରାକଣ୍ଠୀ, ଝୁମ୍ପୁଡି, କୋଇଲିବାଇ |



କଟକ ଜିଲ୍ଲାରେ ଆଦୃତ ବିଭିନ୍ନ ଦେଶୀ କିସମ ଫସଲର
ପରିଲକ୍ଷିତ ଗୁଣାବଳୀ

## ମାଣ୍ଡିଆ


### ମାଣ୍ଡିଆ



ଫସଲ ଅବଧି ୧୨୦ ଦିନ। ଏହା ସାଧାରଣତଃ ଢିପ ଜମିରେ ଚାଷ କରାଯାଏ। ଏହାର ଚାଷ ପାଇଁ ଅଧିକ ପାଣି ଦରକାର ହୋଇ ନ ଥାଏ। ଏହା ବଡ଼ମ୍ବା ବ୍ଲକର ପଙ୍କାଳ ଅଞ୍ଚଳରେ ଚାଷ କରାଯାଏ।

## ଡ଼ାଲି ଜାତୀୟ ଫସଲ

### ୧) ଦେଶୀ ଚଣା



ଫସଲ ଅବଧି ୧୨୦ ଦିନ ଓ ହାରାହାରି ଅମଳ ପ୍ରତି ହେକ୍ଟରକୁ ୧୨ ରୁ ୧୩ କ୍ୱିଣ୍ଟାଲ। ଡ଼ାଲି ପାଇଁ ଏହା ଖୁବ୍ ଉପଯୋଗୀ। ଏହା କଟକ ଜିଲ୍ଲାର ତିଗିରିଆ ଅଞ୍ଚଳରେ ଚାଷ କରାଯାଏ।

### ୨) ବଟୁଆ ଚଣା




ଫସଲ ଅବଧି ୯୦ ଦିନ। ଏହା ଆକାରରେ ବଡ଼ ଏବଂ ଏହା ଖୁବ୍ ସ୍ୱାଦିଷ୍ଟ। ଏହା ବଡ଼ମ୍ବା ଅଞ୍ଚଳରେ ଚାଷ କରାଯାଏ।

### ୩) ବଡ଼ ଚଣା




ଫସଲ ଅବଧି ୯୦ ଦିନ। ଏହା ଡ଼ାଲି ପାଇଁ ଖୁବ୍ ଉପଯୋଗୀ। ଏହା ବଡ଼ମ୍ବା ଅଞ୍ଚଳରେ ଚାଷ କରାଯାଏ।

### ୪) ଦେଶୀ ବିରି




ଫସଲ ଅବଧି ୯୦ ଦିନ। ଏଥିରେ ରୋଗ ପୋକର ଆକ୍ରମଣ କମ୍ ହୋଇଥାଏ। ବିଭିନ୍ନ ପ୍ରକାର ପିଠା, ବରା ଇତ୍ୟାଦି ପ୍ରସ୍ତୁତି ପାଇଁ ଏହି ବିରି ଖୁବ୍ ଉପଯୋଗୀ।ଏହା ବଡ଼ମ୍ବା, ଟାଙ୍ଗୀ-ଚୌଦ୍ୱାର, କଟକ ସଦର ଆଦି ବ୍ଲକରେ ଚାଷ କରାଯାଏ ।

### ୫) ଦେଶୀ ମୁଗ



ଫସଲ ଅବଧି ୮୦ରୁ ୯୦ ଦିନ। ଏହି ମୁଗରେ ରୋଗ ସହଣୀଶକ୍ତି ରହିଛି। ଏହା ଡ଼ାଲି ପାଇଁ ଖୁବ୍ ଉପଯୋଗୀ ଏବଂ ସ୍ୱାଦିଷ୍ଟ । ଏହା ତିଗିରିଆ, ଟାଙ୍ଗୀ-ଚୌଦ୍ୱାର, ମାହାଙ୍ଗା, ସାଲେପୁର ଓ କଟକ ସଦର ଆଦି ବ୍ଲକରେ ଚାଷ କରାଯାଏ।

### ୬) କଳା କୋଳଥ




ଫସଲ ଅବଧି ୯୦ ଦିନ। ଏହାର ରନ୍ଧନ ଗୁଣବତ୍ତା ଖୁବ୍ ଭଲ ଏବଂ ସ୍ୱାଦିଷ୍ଟ। ଏହାର ଔଷଧୀୟ ଗୁଣ ମଧ୍ୟ ରହିଛି। ଏହି ଫସଲରେ ରୋଗ ପୋକ କମ୍ ଲାଗିଥାନ୍ତି। ଏହା ବଡ଼ମ୍ବା ବ୍ଲକର ଝାଜା ଅଞ୍ଚଳରେ ଚାଷ କରାଯାଏ।

### ୭) ଦେଶୀ କୋଳଥ



ଫସଲ ଅବଧି ୭୦ରୁ ୯୫ ଦିନ। ଏହି ଡ଼ାଲି ଶରୀର ପାଇଁ ଖୁବ୍ ଉପଯୋଗୀ ଏବଂ ସ୍ୱାଦିଷ୍ଟ। ଏହା କମ୍ ପାଣି ଦରକାର କରିଥାଏ ଏବଂ ମରୁଡି ସହଣୀଶକ୍ତି ରହିଛି। ଏହା ବଡ଼ମ୍ବା, ଟାଙ୍ଗୀ-ଚୌଦ୍ୱାର ଇତ୍ୟାଦି ବ୍ଲକରେ ଚାଷ କରାଯାଏ।

### ୮) ବରଗୁଡି



ଫସଲ ଅବଧି ୯୦ ଦିନ। ଏହାର ମଞ୍ଜିକୁ ଡ଼ାଲି ହିସାବରେ ବ୍ୟବହାର କରାଯାଏ। ଏହାର ରନ୍ଧନ ଗୁଣବତ୍ତା ଖୁବ୍ ଭଲ ଏବଂ ଏହା ବହୁତ ସ୍ୱାଦିଷ୍ଟ। ଏଥିରେ ରୋଗ ପୋକର ପ୍ରାର୍ଦୁଭାବ କମ୍ ହୋଇଥାଏ।

### ୯) କାଉଚି




ଏହାର ଫସଲ ଅବଧି ୯୦ ଦିନ। ଡିସେମ୍ବର ମାସରେ ଏହା ଲଗାଯାଏ ଏବଂ ମାର୍ଚ୍ଚ ଓ ଏପ୍ରିଲ ମାସରେ ଏହା ଅମଳ ଉପଯୋଗୀ ହୋଇଥାଏ। କଅଁଳିଆ ଅବସ୍ଥାରେ ଏହା ପରିବା ହିସାବରେ ଏବଂ ମଞ୍ଜି ଶୁଖିବା ପରେ ଡ଼ାଲି ରୂପେ ବ୍ୟବହାର କରାଯାଏ। ଏହା ସାଧାରଣତଃ ନରସିଂହପୁର ଅଞ୍ଚଳରେ ଚାଷ କରାଯାଏ।






## ତୈଳବୀଜ ଫସଲ

### ଦେଶୀ ସୋରିଷ (୧)




ଫସଲ ଅବଧି ୪୫ରୁ ୫୦ଦିନ। ଏହି ମଞ୍ଜିର ଆକାର ଖୁବ୍ ଛୋଟ ଏବଂ ତେଲ ଧଳା ରଙ୍ଗର। ଏହା ଟାଙ୍ଗୀ-ଚୌଦ୍ୱାର ବ୍ଲକର ଗଣେଶ୍ୱରପୁର ଅଞ୍ଚଳରେ ଚାଷ କରାଯାଏ।

### ଦେଶୀ ସୋରିଷ (୨)



ଫସଲ ଅବଧି ୯୦ ଦିନ। ଏଥିରେ ରୋଗ ପୋକର ଆକ୍ରମଣ କମ୍ ହୋଇଥାଏ। ଏହା ବଡ଼ମ୍ବା ବ୍ଲକର ମଙ୍ଗରାଜପୁର ଅଞ୍ଚଳରେ ଚାଷ କରାଯାଏ।

### ଦେଶୀ ରାଶି




ଫସଲ ଅବଧି ୯୦ରୁ ୯୫ଦିନ। ଏହାର ରୋଗ ପୋକର ସହଣୀଶକ୍ତି ଅଧିକ। ଚାଷ ପାଇଁ ଅଳ୍ପ ପାଣି ଦରକାର ହୋଇଥାଏ। ଏହାର ମରୁଡି ସହଣୀଶକ୍ତି ମଧ୍ୟ ରହିଛି। ଏହା ବଡ଼ମ୍ବା, ଟାଙ୍ଗୀ-ଚୌଦ୍ୱାର ଇତ୍ୟାଦି ବ୍ଲକରେ ଚାଷ କରାଯାଏ।




# ପନିପରିବା ଫସଲ

## ଦେଶୀ ବାଇଗଣ




ଚାରା ରୋଇବାର ୬୦ ଦିନ ପରେ ଫଳ ଆସିବା ଆରମ୍ଭ ହୋଇଥାଏ । ଏହା ଖୁବ୍ ସ୍ୱାଦିଷ୍ଟ ଏବଂ ରୋଗ ପୋକର ଆକ୍ରମଣ ଅପେକ୍ଷାକୃତ କମ୍ ହୋଇଥାଏ । ଫଳଗୁଡ଼ିକ ସାଧାରଣତଃ ଧଳା ରଙ୍ଗର । ଏହା ତିଗିରିଆ ଓ ବଡ଼ମ୍ବା ବ୍ଲକରେ ଚାଷ କରାଯାଏ ।

## ବେଲୁଆ ବାଇଗଣ



ଏହି ବାଇଗଣର ଆକାର ଖୁବ୍ ବଡ଼ । ଏହାର ରନ୍ଧନ ଗୁଣବତ୍ତା ଖୁବ୍ ଭଲ ଏବଂ ଏହା ସ୍ୱାଦିଷ୍ଟ ମଧ୍ୟ । ଏଥିରେ ମଞ୍ଜି କମ୍ ଥାଏ । ସାଧାରଣତଃ ଅକ୍ଟୋବର ଓ ନଭେମ୍ବର ମାସରେ ଏହାର ଚାରା ପ୍ରସ୍ତୁତ ହୋଇଥାଏ । ଶୀତ ଋତୁରେ ଏହାର ଅମଳ ଭଲ ହୁଏ ଏବଂ ଏହା ଏପ୍ରିଲ ମାସ ପର୍ଯ୍ୟନ୍ତ ଫଳିଥାଏ । ଏହା ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଞ୍ଚଳରେ ଚାଷ କରାଯାଏ ।

## କଣ୍ଟେଇମୁଣ୍ଡି ବାଇଗଣ




ଏହି ବାଇଗଣର ପତ୍ର ଓ ଫଳରେ କଣ୍ଟା ରହିଥାଏ । ଏହା ସାଧାରଣତଃ ଗୋଲାକାର ଓ ସବୁଜ ରଙ୍ଗର । ଏହାର ରନ୍ଧନ ଗୁଣବତ୍ତା ଖୁବ୍ ଭଲ ଏବଂ ଏହା ଖୁବ୍ ସ୍ୱାଦିଷ୍ଟ ମଧ୍ୟ । ଚାରା ରୋଇବାର ୬୦ ଦିନ ପରେ ଫଳ ଆସିବା ଆରମ୍ଭ ହୋଇଥାଏ । ଫେବୃୟାରୀ ମାସ ଠାରୁ ଜୁଲାଇ ମାସ ପର୍ଯ୍ୟନ୍ତ ଅମଳ ଭଲ ହୋଇଥାଏ । ସାଧାରଣତଃ ଚାଷୀଭାଇ ମାନେ ଡିସେମ୍ବର ମାସରେ ଏହାର ଚାରା ରୋପଣ କରିଥାନ୍ତି । ଏହାର ରୋଗ ସହଣୀଶକ୍ତି ଅଧିକ ହୋଇଥିବାରୁ ବଡମ୍ବା ଅଞ୍ଚଳରେ ଏହି ବାଇଗଣର ଚାହିଦା ଅଧିକ ।






କଟକ ଜିଲ୍ଲାରେ ଆଦୃତ ବିଭିନ୍ନ ଦେଶୀ କିସମ ଫସଲର
ପରିଲକ୍ଷିତ ଗୁଣାବଳୀ

## ଦେଶୀ ଭେଣ୍ଡି (୧)



ଏହି ଭେଣ୍ଡିର ଆକାର ବଡ଼ ଓ ଅମଳ ଅପେକ୍ଷାକୃତ ଅଧିକ । ଏହି ଭେଣ୍ଡିରେ ସାହେବୀ ରୋଗର ପ୍ରାଦୁର୍ଭାବ କମ୍ ହୋଇଥାଏ । ଏହାର ବଜାର ଚାହିଦା ଖୁବ୍ ଭଲ । ଏହା ବଡ଼ମ୍ବା ବ୍ଲକର ମଙ୍ଗରାଜପୁର ଅଞ୍ଚଳରେ ଚାଷ କରାଯାଏ ।

## ଦେଶୀ ଭେଣ୍ଡି (୨)




ଗଛ ୪୫ ଦିନର ହେବା ପରେ ଫଳ ଆସିବା ଆରମ୍ଭ ହୋଇଥାଏ । ଏହି ଭେଣ୍ଡି ଗୁଡିକରେ ଅପେକ୍ଷାକୃତ ଅଧିକ ମଞ୍ଜି ରହିଥାଏ । ଏଥିରେ ସାହେବୀ ରୋଗର ସହଣୀଶକ୍ତି ରହିଛି ଏବଂ ଏହା ଖୁବ୍ ସ୍ୱାଦିଷ୍ଟ । ଏହା ବଡ଼ମ୍ବା ବ୍ଲକର ମଙ୍ଗରାଜପୁର ଅଞ୍ଚଳରେ ଚାଷ କରାଯାଏ ।

## ନାଲି ଭେଣ୍ଡି



ଏହି ଭେଣ୍ଡିର ଫଳଗୁଡିକ ନାଲି ରଙ୍ଗର ହୋଇଥିବାରୁ ଗ୍ରାହକ ମାନଙ୍କ ମଧ୍ୟରେ ଭଲ ଚାହିଦା ରହିଥାଏ । ଏହି ଭେଣ୍ଡି ଖୁବ୍ ସ୍ୱାଦିଷ୍ଟ । ଏହା ନରସିଂହପୁର, ବଡ଼ମ୍ବା ଓ ତିଗିରିଆ ଅଞ୍ଚଳରେ ଚାଷ କରାଯାଏ ।



## ଦେଶୀ ବିନ୍

ଏହାର ଫସଲ ଅବଧି ୪୫ ଦିନ । ଏହା ଖୁବ୍ ସ୍ୱାଦିଷ୍ଟ ଏବଂ ରୋଗ ପୋକର ଆକ୍ରମଣ କମ୍ ହୋଇଥାଏ । ସାଧାରଣତଃ ଶୀତ ଦିନରେ ଏହି ଫସଲ ଚାଷ କରାଯାଏ । କଟକ ଜିଲ୍ଲାର ନରସିଂହପୁର ଓ ବଡ଼ମ୍ବା ବ୍ଲକ୍‌ରେ ଏହି ବିନ୍ ଚାଷ କରାଯାଏ ।

## ତୋଡ଼ିଶିମ୍ବ



ଗଛ ଲାଗିବାର ତିନିମାସ ପରେ ଫଳ ଆସିବା ଆରମ୍ଭ ହୋଇଥାଏ । ଏହି ଶିମ୍ବ ଗୁଡିକ ସରୁ ଏବଂ ଲମ୍ବା ହୋଇଥାଏ । ଫଳ ଗୁଡିକ ସବୁଜ ଓ ନାଲି ରଙ୍ଗର ହୋଇଥାଏ । ଏହି ଶିମ୍ବରେ ରୋଗପୋକ ଅପେକ୍ଷାକୃତ କମ୍ ଲାଗିଥାଏ । ଏହାର ରନ୍ଧନ ଗୁଣବତ୍ତା ଖୁବ୍ ଭଲ ଏବଂ ସ୍ୱାଦିଷ୍ଟ । ଏହା ନରସିଂହପୁର, ବଡ଼ମ୍ବା ଓ ତିଗିରିଆ ଅଞ୍ଚଳରେ ଚାଷ କରାଯାଏ ।

## ଚଣି ଶିମ୍ବ



ଏହା ଛୋଟ ଆକାରର ଏବଂ ଧଳା ରଙ୍ଗର । ଖାଇବାକୁ ଖୁବ୍ ସ୍ୱାଦିଷ୍ଟ ଏବଂ ଏହି ଶିମ୍ବରେ ରୋଗ ପୋକର ପ୍ରାଦୁର୍ଭାବ କମ୍ ହୋଇଥାଏ । ଏଥିରେ ଫଳ ସଂଖ୍ୟା ଅଧିକ ହୋଇଥାଏ ।





କଟକ ଜିଲ୍ଲାରେ ଆଦୃତ ବିଭିନ୍ନ ଦେଶୀ କିସମ ଫସଲର
ପରିଲକ୍ଷିତ ଗୁଣାବଳୀ

## ତଳ ମୁହିଁ ଲଙ୍କା



ଚାରା ରୋଇବାର ୪୫ ଦିନ ପରେ ଏହି ଲଙ୍କାରେ ଫଳ ଆସିବା ଆରମ୍ଭ ହୋଇଥାଏ ଏବଂ ୨୪୦ ଦିନ ପର୍ଯ୍ୟନ୍ତ ଅମଳ ଦେଇଥାଏ । ଗ୍ରାହକମାନଙ୍କ ମଧ୍ୟରେ ଏହି ଲଙ୍କାର ଚାହିଦା ଭଲ ରହିଥିବାରୁ ବଡ଼ମ୍ବା ଅଞ୍ଚଳର ଚାଷୀ ଏହାକୁ ଚାଷ କରିଥାନ୍ତି ।

## କୋଳି ଲଙ୍କା



ଚାରା ରୋଇବାର ୪୫ ଦିନ ପରେ ଫଳ ଆସିବା ଆରମ୍ଭ ହୋଇ ୧୫୦ ଦିନ ପର୍ଯ୍ୟନ୍ତ ଅମଳ ଦେଇଥାଏ । ଏହି ଲଙ୍କା ସାଧାରଣତଃ ଗୋଲାକାର ହୋଇଥାଏ ଏବଂ ଅମଳ ଅପେକ୍ଷାକୃତ ଅଧିକ ହୋଇଥାଏ । ଏହି ଲଙ୍କା ଖୁବ୍ ରୁଚିକର ଏବଂ ଏଥିରେ ରୋଗ ପୋକର ପ୍ରାଦୁର୍ଭାବ କମ୍ ହୋଇଥାଏ । ଏହା ବଡ଼ମ୍ବା ବ୍ଲକର ବିଭିନ୍ନ ଅଞ୍ଚଳରେ ଚାଷ କରାଯାଏ ।

## ଦେଶୀ ଲଙ୍କା



ଏହି ଲଙ୍କାର ବଜାର ଚାହିଦା ଖୁବ୍ ଭଲ ଏବଂ ଅମଳ ବେଶୀ ହୋଇଥାଏ । ଏହି ଲଙ୍କାରେ ରୋଗ ପୋକର ଆକ୍ରମଣ କମ୍ ହୋଇଥାଏ । ଏହା ବଡମ୍ବା ଅଞ୍ଚଳରେ ଚାଷ କରାଯାଏ ।




## ଜାଡ କଖାରୁ



ଜାଡ କଖାରୁ ସାଧାରଣତଃ ରବି ଋତୁ ବା ଶୀତ ଋତୁ ପାଇଁ ଉପଯୁକ୍ତ । ଏହି ଫସଲ ୧୨୦ ଦିନର । ଏହାର ଫଳର ଆକାର ବଡ଼ । ଏହାର ଗୋଟିଏ ଫଳର ଓଜନ ହାରାହାରି ୨୦ ରୁ ୨୫ କି.ଗ୍ରା. ହୋଇଥାଏ । ଏଥିରେ ରୋଗ ପୋକର ପ୍ରାଦୁର୍ଭାବ କମ୍ ରହେ । ଏହା ବଡ଼ମ୍ବା ଅଞ୍ଚଳରେ ଚାଷ ହୋଇଥାଏ ।

## ଗଣ୍ଡି କଖାରୁ



ଗଣ୍ଡି କଖାରୁ ସାଧାରଣତଃ ଗ୍ରୀଷ୍ମ ଋତୁରେ ଚାଷ କରାଯାଏ । ଗଛ ଲଗାଇବାର ୯୦ ରୁ ୧୦୦ ଦିନ ପରେ ଫଳ ଆସିବା ଆରମ୍ଭ ହୋଇଥାଏ । ଏହାର ଆକାର ଛୋଟ ହୋଇଥାଏ ଏବଂ ଫଳ ସଂଖ୍ୟା ଅଧିକ ହୋଇଥାଏ । ଗୋଟିଏ ଫଳର ଓଜନ ହାରାହାରି ୭ ରୁ ୮ କି.ଗ୍ରା. ମଧ୍ୟରେ ହୋଇଥାଏ । ଏହାର ରନ୍ଧନ ଗୁଣବତ୍ତା ଭଲ ଏବଂ ଖୁବ୍ ସ୍ୱାଦିଷ୍ଟ । ଏହା ବଡ଼ମ୍ବା ଅଞ୍ଚଳରେ ଚାଷ ହୋଇଥାଏ ।

## ଦେଶୀ କାକୁଡି



ଗଛ ଲଗାଇବାର ୪୫ ରୁ ୫୦ ଦିନ ପରେ ଫଳ ଆସିବା ଆରମ୍ଭ ହୋଇଥାଏ । ଫଳର ଆକାର ମଧ୍ୟମ ଧରଣର । ଏହା ବହୁତ ସ୍ୱାଦିଷ୍ଟ । ଏହା କଟକ ସଦର ଅଞ୍ଚଳରେ ଚାଷ ହୋଇଥାଏ ।

## କଣ୍ଟିଆଳି କାକୁଡି



ଗଛ ଲଗାଇବାର ୪୫ ଦିନ ପରେ ଫଳ ଆସିଥାଏ । ଏହା ବର୍ଷା ଋତୁ ପାଇଁ ଉପଯୁକ୍ତ । ଫଳର ଉପର ଅଂଶରେ ଛୋଟ ଛୋଟ କଣ୍ଟା ରହିଥାଏ । ଏହାର ବାସ୍ନା ବହୁତ ଭଲ । ଏହା ବଡ଼ମ୍ବା ଅଞ୍ଚଳରେ ଚାଷ ହୋଇଥାଏ ।





କଟକ ଜିଲ୍ଲାରେ ଆଦୃତ ବିଭିନ୍ନ ଦେଶୀ କିସମ ଫସଲର
ପରିଲକ୍ଷିତ ଗୁଣାବଳୀ

## ରଞ୍ଜା କଲରା




ମଞ୍ଜି ଲାଗାଇବାର ୪୫ ଦିନ ପରେ ଏହି କଲରା ଫଳିବା ଆରମ୍ଭ ହୋଇଥାଏ । ଏଥିରେ ରୋଗ ପୋକର ପ୍ରାଦୁର୍ଭାବ କମ୍ ଦେଖାଯାଏ । ଏହି କଲରା ମାଡ଼ିବା ପାଇଁ ରଞ୍ଜାର ଆବଶ୍ୟକ ହୋଇଥାଏ । ଏହା ସାଧାରଣତଃ ଜୁଲାଇ ମାସ ଠାରୁ ଫେବୃୟାରୀ ମାସ ପର୍ଯ୍ୟନ୍ତ ଅମଳ ଦେଇଥାଏ । ଏହା ବଡ଼ମ୍ବା ଅଞ୍ଚଳରେ ଚାଷ ହୋଇଥାଏ ।

## ଦେଶୀ କଲରା ବା ଟୁସି କଲରା



ରୋଗ ପୋକର ପ୍ରାଦୁର୍ଭାବ ଏଥିରେ କମ୍ ହୋଇଥାଏ । ଏହାର ଆକାର ଛୋଟ ଓ ପିତା ଅଂଶ କମ୍ ଥାଏ । ଏହା ଖୁବ୍ ସ୍ୱାଦିଷ୍ଟ । ଏହି କଲରାର ଆକାର ଛୋଟ ହୋଇଥିବାରୁ ତୋଳିବା କଷ୍ଟକର ହୁଏ । ଏହା ବଡ଼ମ୍ବା ଅଞ୍ଚଳରେ ଚାଷ ହୋଇଥାଏ ।

## ଥୋଳି ଜହ୍ନି



ଗଛ ଲାଗାଇବାର ୬୦ ଦିନ ପରେ ଫଳିବା ଆରମ୍ଭ ହୋଇଥାଏ । ଫଳର ଆକାର ଛୋଟ ଏବଂ ଅମଳ ଅଧିକ ହୋଇଥାଏ । ଏହା ବହୁତ ସ୍ୱାଦିଷ୍ଟ । ଏହା ଗୋଟିକିଆ କିମ୍ବା ପେନ୍ଥାରେ ଫଳିଥାଏ । ଏହା ବଡ଼ମ୍ବା ଅଞ୍ଚଳରେ ଚାଷ ହୋଇଥାଏ ।


## ଦେଶୀ ଜହ୍ନି



ଫଳର ଆକାର ମଧ୍ୟମ ଧରଣର ହୋଇଥାଏ । ବଜାର ଚାହିଦା ଭଲ ଏବଂ ଏହା ବହୁତ ସ୍ୱାଦିଷ୍ଟ । ଅମଳ ଅଧିକ ହୋଇଥାଏ ଏବଂ ଏଥିରେ ରୋଗପୋକ ପ୍ରାଦୁର୍ଭାବ କମ୍ ହୋଇଥାଏ । ଉଭୟ ଗ୍ରୀଷ୍ମ ଓ ବର୍ଷା ଋତୁରେ ଏହା ଚାଷ କରାଯାଏ । ଏହା ବଡ଼ମ୍ବା ଅଞ୍ଚଳରେ ଚାଷ ହୋଇଥାଏ ।




# ଶାଗ ଜାତୀୟ ଫସଲ



## କୋଶଳା ଶାଗ

ଏହି ଶାଗ ବୁଣିବାର ୪୦ ରୁ ୪୫ ଦିନ ମଧ୍ୟରେ ଅମଳକ୍ଷମ ହୋଇଥାଏ । ଏହା ବହୁତ ସ୍ୱାଦିଷ୍ଟ । ଏହା କଟକ ସଦର, ଟାଙ୍ଗୀ-ଚୌଦ୍ୱାର, ତିଗିରିଆ ଓ ବଡ଼ମ୍ବା ଆଦି ଅଞ୍ଚଳରେ ଚାଷ କରାଯାଏ ।



## ନାଲି କୋଶଳା

ଏହି ଶାଗ ବୁଣିବାର ୩୦ ରୁ ୪୦ଦିନ ମଧ୍ୟରେ ଅମଳକ୍ଷମ ହୋଇଥାଏ । ଏହାର ଅମଳ ଅପେକ୍ଷାକୃତ ଅଧିକ ହୋଇଥାଏ । ଏହି ଶାଗ ସାଧାରଣତଃ ନାଲି ରଙ୍ଗର ହୋଇଥାଏ । ଏହା କଟକ ଜିଲ୍ଲାର ପ୍ରାୟତଃ ସମସ୍ତ ଅଞ୍ଚଳରେ ଚାଷ କରାଯାଏ ।



## ଦେଶୀ ଧନିଆ

ଗଜା ହୋଇଥିବା ଧନିଆ ମଞ୍ଜି ଲଗାଇବାର ୨୧ ଦିନ ପରେ ଧନିଆ ପତ୍ର ଅମଳ ଉପଯୋଗୀ ହୋଇଥାଏ ଏବଂ ୯୦ - ୧୧୦ ଦିନ ପରେ ଫଳ ଅମଳ ଯୋଗ୍ୟ ହୋଇଥାଏ । ଏହାର ବାସ୍ନା ବହୁତ ଭଲ ଏବଂ ସୁସ୍ୱାଦୁ । ବଡମ୍ବା ବ୍ଲକର ମଙ୍ଗରାଜପୁର ଗ୍ରାମ ବିଶେଷଭାବେ ଏହି ଦେଶୀ ଧନିଆ ଚାଷ ପାଇଁ ବିଖ୍ୟାତ ।





